# Akashvani, Sambalpur

## SAMBALPURI NEWS BULLETIN

### 30 May 2025- 6.47- 6.52 am.

*********************************************

ବିକଶିତ୍ କୃଷି ସଂକଳ୍ପ ଅଭିଯାନ     CMO

କୃଷି କ୍ଷେତ୍ରଥି ଆଧୁନିକ୍‌କରଣ୍‌କେ ଆଗ୍‌କେ ନଉଥିବା ଚାଷୀମାନ୍‌କର ଉନ୍ନତି ଲାଗି ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ବାଟ୍ ଦେଖାବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଓୟୁଏଟି କୃଷି ଶିକ୍ଷା ସଦନ୍ ଠାନେ ହେଇଥିବା ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ଉଦ୍‌ବୋଧନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଇ ଅଭିଯାନ୍ ଭାରତୀୟ କୃଷିକେ ଦେଶର୍ ମୁଖ୍ୟ ଆଧାର୍ କର୍‌ବାର୍‌କେ ସଂକଳ୍ପ ନେଇଛେ ବଲି କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର କୃଷି ମନ୍ତ୍ରୀ ଶିବ୍‌ରାଜ୍ ସିଂ ଚୌହାନ୍ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ଆସିଥିବା ଚାଷୀମାନ୍‌କୁ ଭେଟିକରି ଚାଷୀ ସମସ୍ୟା ବାବ୍‌ଦେ ଆଲୋଚନା କରିଥିଲେ । ଇ ଅଭିଯାନ୍ ଲେବ୍ ଟୁ ଲେଣ୍ଡ୍ କେ ଜୁଡ୍‌ବାର୍

ଲାଗି ଗୁଟେ ବରକସ୍ ମାଧ୍ୟମ୍ ହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

ରାଜ୍ୟପାଲ୍ ଭିଏତ୍‌ନାମ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍‌ନୁ ଭିଏତ୍‌ନାମ୍ ଯାଇଥିବା ଭଗବାନ୍ ବୁଦ୍ଧଙ୍କର୍ ଅବଶେଷ୍ ଆନ୍‌ବାର୍ ଲାଗି ଆଏବା ୨ ତାରିଖ୍ ଗୁଟେ ପ୍ରତିନିଧି ମଣ୍ଡଲୀ ଭିଏତ୍‌ନାମ୍ ଯିବେ । ଓଡ଼ିଶାର୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ପ୍ରତିନିଧି ମଣ୍ଡଲୀର୍ ନେତୃତ୍ୱ ନେବେ । ଇଥିର୍‌ଲାଗି ରାଜ୍ୟପାଲ୍ ଆଏଜ୍ ନୂଆଦିଲ୍ଲୀନୁ ଭିଏତ୍‌ନାମ୍ ଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଭିମ୍‌ସାର୍ ସୁପର୍‌ସ୍ପେଶାଲିଟି ହସ୍ପିଟାଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ଭିମ୍‌ସାର୍ ସୁପର୍‌ସ୍ପେଶାଲିଟି ହସ୍ପିଟାଲ୍ କୋଠା ଆଉ ବୁର୍ଲା ଥାନାର୍ ନୂଆଁ କୋଠାକେ ଆଏଜ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଲୋକାର୍ପଣ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଶହେ ୫୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ସୁପର୍ ସ୍ପେଶାଲିଟି କୋଠା ପଶ୍ଚିମ ଓଡ଼ିଶା ନ ଉନ୍ନତ୍ ଆଉ ଅତ୍ୟାଧୁନିକ୍ ଚିକିତ୍ସା ସେବା ଯୁଗେଇ ଦେବା ।

## ପ୍ରାକ୍ ମୌସୁମୀ ପ୍ରସ୍ତୁତି I&PR

ବର୍ଷା ଦିନେ ହେଉଥିବା ରୋଗ୍ ମାନ୍‌କୁ ଆଏତ୍ ଆଉ ତାର୍ ପ୍ରତିରୋଧ୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଇ ବଛରର୍ ପ୍ରାକ୍ ମୌସୁମୀ ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବିଭାଗ୍‌ର କମିଶନର୍ ଆଉ ଶାସନ୍ ସଚିବ ଅଶ୍ୱତି ଏସ୍. ବିଭାଗ୍‌ର ପ୍ରସ୍ତୁତିର୍ ସମୀକ୍ଷା କରିକରି ତୃଣ୍‌ମୁଲ୍‌ସ୍ତର୍‌ଥି ସଚେତନତା କାର୍ଯ୍ୟକ୍ରମ୍‌କେ ଜବର୍ କର୍‌ବାର୍ ସହେତେ ଡାକ୍ତର୍‌ଖାନାମାନ୍‌କେ ଭର୍‌ପୁର୍ ଉଷୋକଷା ମହଜୁଦ୍ ରଖ୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଦୀର୍ଘସ୍ଥାୟୀ ଉଷୋ ଲଗା ମଶାରୀ ଲୁକ୍‌କୁ ବାଂଟ୍‌ବାର୍ ସହେତେ ଲୁକେ ଇଟା ଠିକ୍ ଭାବେ ବେଭାର୍ କରୁଛନ୍ କି ନାଇଁ ତାର୍ ତଦାରଖ୍ କର୍‌ବାର୍‌କେ ଆଶାକର୍ମୀ ଆଉ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

## ଜଲ୍‌ସମ୍ପଦ୍ ବିଭାଗ ବୈଠକ୍ I&PR

ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ଇ ବଛର୍ ବନ୍ୟା ଲାଗି ଗଲାକାଏଲ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ଜଲ୍‌ସମ୍ପଦ୍ ବିଭାଗ୍ ସଚିବ ଅନୁଗର୍ଗଙ୍କର୍ ଅଧ୍ୟକ୍ଷତାଥି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବନ୍ୟା ପରିଚାଲନା ଲାଗି ସବୁ ଡିଭିଜନ୍, ସର୍କଲ ଆର୍ ମୁଖ୍ୟଯନ୍ତ୍ରୀ ମାନ୍‌କର୍

କାର୍ଯ୍ୟାଳୟ ମାନ୍‌କର୍ ଠାନେ ଜୁନ୍ ୧ ନୁ ଅକ୍ଟୋବର୍ ୨୩ ତାରିଖ୍‌ତକ୍ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍‌ମାନେ କାର୍ଯ୍ୟକ୍ଷମ୍ ହେବା ବଲି କୁହାଯାଇଛେ । ସେନ୍ତା ସର୍ବୋଚ୍ଚ ଯନ୍ତ୍ରୀ, ଜଲ୍‌ସମ୍ପଦ୍ ବିଭାଗ୍, ସେଚ ସଦନ୍ କାର୍ଯ୍ୟାଳୟ, ରାଜ୍ୟ ଜଲ ତତ୍ୱ ତଥ୍ୟ କେନ୍ଦ୍ର ଆଉ ରାଜୀବ୍ ଭବନ୍ ଠାନେ ଭିଲ୍ ବନ୍ୟା ନିୟନ୍ତ୍ରଣ କକ୍ଷ ମାନେ କାମ୍ କର୍‌ବା । ସମ୍ଭାବ୍ୟ ବନ୍ୟାକେ ନେଇକରି ତୟାର୍ ରହେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ ।

ଆର୍.ଆଇ.ଡି.ଏଫ୍. ବୈଠକ I&PR

୨୦୨୫ -୨୬ ଆର୍ଥିକ୍ ବଛର୍‌ଥି ଗ୍ରାମୀଣ ଭିତିଭୂମି ବିକାଶ୍ ପାଣ୍ଠି- ଆର୍.ଆଇ.ଡି.ଏଫ୍.ର ଉଚ୍ଚ କ୍ଷମତା କମିଟିର୍ ପହେଲା ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଯାଇଛେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପାଣ୍ଠି ସହାୟତାଥି କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଭିତିଭୂମି ବିକାଶ୍ ପ୍ରକଳ୍ପ ମାନ୍‌କର୍ କାମ୍‌କାଜ୍, ସଫଲତା ଆଉ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଛେ । ଗାଁ ଇଲାକାର୍ ଭିତିଭୂମିର୍ ବିକାଶ୍ ଲାଗି ୨୦୨୪-୨୫ ବଛ୍‌ରେ ଓଡ଼ିଶା

ଆର୍.ଆଇ.ଡି.ଏଫ୍. ଋଣ ବାଂଟ୍‌ବାର୍‌ଥି ଦେଶେ ପହେଲା ରାଜ୍ୟ ପାଲ୍‌ଟିଛେ ବଲି ବୈଠକ୍‌ଥି ସୂଚ୍‌ନା ଦିଆଯାଇଛେ ।

ଶୀତଲ୍‌ଷଷ୍ଠୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଗଜ୍‌ଗଜେଇ ଯାଉଛେ । ଆଏଜ୍ ରାତି ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା, ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ନିଉତା ଯାତ୍ରା ହେବା ।
ଗଲା ରାତି ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶିବମନ୍ଦିର୍ ମାନ୍‌କେ ମହାଦେବଙ୍କର୍ ସଙ୍ଗେ ଜଗତ୍‌ଜନନ ମା’ ପାର୍ବତୀଙ୍କର୍ ବିହା ଲାଗି ପତର୍‌ପେଁଡ଼ି ବିଧି ହେଇଯାଇଛେ ।

ରଥକାଠ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ରେଢ଼ାଖୋଲ୍ ବନଖଣ୍ଡନୁ ୪ ନମ୍ବର୍ ଖେପେ ରଥକାଠ ପୁରୀକେ ପଠାଯାଇଛେ । ଆଘୋନୁ ଚାରମାଲ୍, ବଂଶାଜାଲ୍ ଆର୍ ବୁରଡ଼ା ଠାନୁ କାଠ୍ ପଠାଯାଇଥିଲା ବେଲେ ଆଏଜ୍ ବଡ଼ମାଲ୍ ବନାଂଚଲ୍‌ନୁ ୪୪ ଖଁଡ଼୍ ଧଉରା କାଠ୍ ପୁରୀକେ ପଠାଯାଇଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍ ବଲେ ଆଏବା କାଏଲ୍‌ତକ୍ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଜବର୍ ବର୍ଷା ହେଇପାରେ । ଆଏବା ୨ ଦିନ୍‌ତକ୍ ପାଗ୍ ଏନ୍ତା ଲାଗି ରହେବା । ତାର୍ ଉତ୍‌ରୁ ଖରା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।